## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ ଅଫିସ, ୧୮।୨:** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅନୁଗୋଳ ଜିଲା କଲିୟାରୀ ଥାନା ଚାଳଗଡ଼ ଗ୍ରାମର ରୁଷିଆ ଗୋଚ୍ଛାୟତଙ୍କ ପୁଅ ଦିବ୍ୟଜ୍ୟୋତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୦୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି, ଗତ ୧୪ ତାରିଖରେ ଦିବ୍ୟଜ୍ୟୋତିଙ୍କ ସହ ଗ୍ରାମର କେତେଜଣ ଯୁବକଙ୍କ ବଚସା ହୋଇଥିଲା। ଶୁକ୍ରବାର ସେ କାମ କରିବାକୁ ବଲଣ୍ଡା ଯାଉଥିବାବେଳେ ତାଙ୍କ ଉପରେ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ।

### ୩୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ପରଜଙ୍ଗ, ୧୮।୨(ଡି.ଏନ୍.ଏ.):** ତାଳଚେରର ଅନନ୍ତ ବଳିଆ କ୍ଲିନିକ୍ ପକ୍ଷରୁ ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ କାର୍ଯ୍ୟାଳୟରେ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲ କଲେଜର ଭେଷଜ ବିଶେଷଜ୍ଞ ଡା. ସୁକାନ୍ତ ଦାସ, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଶ୍ରୀନିବାସ ଅଗ୍ରୱାଲ, ଦନ୍ତରୋଗ ବିଶେଷଜ୍ଞ ମୋନିକା ସାମଲ ପ୍ରମୁଖ ଉପସ୍ଥିତ ରହି ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କୁମୁସୀ ସରପଞ୍ଚ ବଳରାମ ନାଏକ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ କାରଣ ବେହେରା, ରାଜେନ୍ଦ୍ର ଧର, ଚନ୍ଦନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ବଇଣ୍ଡା, ୧୮।୨(ଡି.ଏନ୍.ଏ.):** କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରମୋହନ ଭୋଇ (୮୬)ଙ୍କ ଶନିବାର ତାଙ୍କ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଭାଜପା ନେତା ଭାଗୀରଥି ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି।

# ଶିବ ସ୍ତୋତ୍ରରେ କମ୍ପିଲା କପିଳାସ

**ବାରବାଙ୍କ ଘାଟି ରାସ୍ତାରୁ ପୀଠ। ପାହାଚ ରାସ୍ତାରୁ ମନ୍ଦିର ବେଢ଼ା। ସବୁଠି ଅସମ୍ଭାଳ ଭିଡ଼। ଜନସମୁଦ୍ର ପରିବେଶ। ସମସ୍ତଙ୍କ ମୁଖରେ ହର ହର ମହାଦେବ ଧ୍ୱନି, ଶିବ ପଞ୍ଚାକ୍ଷରୀ ସ୍ତୋତ୍ର। ଦୀର୍ଘ ୨ ବର୍ଷର ଅନ୍ତରାଳରେ ବିନା ବିଘ୍ନରେ ଭକ୍ତ-ଭଗବାନଙ୍କର ମିଳନ ହୋଇଥିବାବେଳେ କେହି ଏହାକୁ କରି ନ ଥିଲେ ହାତଛଡ଼ା। ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ବିଜେସ୍ଥଳ କପିଳାସରେ ଅନୁଷ୍ଠିତ ପ୍ରସିଦ୍ଧ ମହାଜାଗର ଯାତ୍ରାରେ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ମହାଦେବଙ୍କ ଭକ୍ତିରେ ବୁଡ଼ିରହିଥିଲେ ସଭିଏଁ।**

**ଢେଙ୍କାନାଳ ଅଫିସ୍, ୧୮।୨**

କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖର ମହାଦେବଜୀଉଙ୍କ ପୀଠରେ ଶନିବାର ମହାଆଡମ୍ବରରେ ପାଳିତ ହୋଇଛି ପ୍ରସିଦ୍ଧ ଜାଗରଯାତ୍ରା। ରାତି ସାଢ଼େ ୭ଟା ସୁଦ୍ଧା ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଜାଗର ଦୀପରେ ମନ୍ଦିର ବେଢ଼ା ସମେତ ସମଗ୍ର ପାହାଡ଼ ପରିସର ଦୀପମୟ ହୋଇଉଠିଛି।

ଜାଗର ଉପଲକ୍ଷେ ଭୋର୍ ୫ଟାରୁ ଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କ ଦର୍ଶନ ପାଇଁ ୭ନଂ. ବାଙ୍କଠାରୁ ମନ୍ଦିର ପର୍ଯ୍ୟନ୍ତ ଲମ୍ବାଧାଡ଼ି ଲାଗିଥିଲା। ଦିନତମାମ ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତି ପରେ ମହାଦେବଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟଗତ କାରଣରୁ ରାଜା କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ନେଇ ଯୁବରାଜ ଅମରଜ୍ୟୋତି ସିଂଦେଓ ଦିଲ୍ଲୀରେ ଥିବାରୁ ଯୁବରାଣୀ ମୀନାଳ କୁମାରୀ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ରାଜପୁରୋଧାଙ୍କ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ରୁଦ୍ରାଭିଷେକ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ପ୍ରାତଃ ୪ଟା ୯ରେ ମହାଦୀପ ଉଠିବ ବୋଲି ସ୍ଥିର ହୋଇଛି।

ମହାଶିବରାତ୍ରି ଉପଲକ୍ଷେ ମୁଖ୍ୟ ପୀଠ ସମେତ ମା' ପାର୍ବତୀଙ୍କ ମନ୍ଦିର, କାଶୀ ବିଶ୍ୱନାଥ ମନ୍ଦିର, ନାରାୟଣ, ଭୁବନେଶ୍ୱରୀଙ୍କ ମନ୍ଦିର ଏବଂ ହନୁମାନଙ୍କ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ବାରବାଙ୍କ ରାସ୍ତାକୁ ସମ୍ପୂର୍ଣ୍ଣ ଆଲୋକୀକରଣ, ପାହାଚ ରାସ୍ତାକୁ ସଫାସୁତରା କରାଯାଇଛି। ପାନୀୟ ଜଳ, ଆଶୁ ଚିକିତ୍ସା ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତବର୍ଷ ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଅନୁଗୋଳ, କେନ୍ଦୁଝର, ଭଦ୍ରକ, ଜଗତ୍‌ସିଂହପୁର, କଟକ, ସମ୍ବଲପୁର, ଖୋର୍ଦ୍ଧା ଆଦି ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏମ୍‌ପି ମହେଶ ସାହୁ, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଠାକୁରଙ୍କ ଦର୍ଶନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ୧୪ ପ୍ଲାଟୁନ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଅଛନ୍ତି।

ସେହିପରି ଢେଙ୍କାନାଳ ସହର ସମେତ ସହର ଉପକଣ୍ଠରେ ଥିବା ଶିବାଳୟରେ ଆନନ୍ଦ ଉଲ୍ଲାସର ସହ ଜାଗରଯାତ୍ରା ସମ୍ପନ୍ନ ହୋଇଛି।



ଆକାଶମାର୍ଗରୁ ଦୀପମୟ କପିଳାସର ଦୃଶ୍ୟ।


ଦିଅଁ ଦର୍ଶନ ପାଇଁ ମନ୍ଦିର ବେଢ଼ାରେ ଅପେକ୍ଷାରତ ଶ୍ରଦ୍ଧାଳୁ।


ବାରବାଙ୍କ ରାସ୍ତାରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଅପେକ୍ଷା କରିଛନ୍ତି।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଢେଙ୍କାନାଳ ଅଫିସ,୧୮।୨**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଦେବରାଜ ବରାଳଙ୍କ ପୁଣ୍ୟତିଥି ଉପଲକ୍ଷେ ବାଟଗାଁରେ ଶନିବାର ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହାକୁ ଲୋକାର୍ପଣ କରିବା ସହ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଦେବରାଜଙ୍କ ବଡ଼ପୁଅ ଆଇନଜୀବୀ ସୁଧାଂଶୁ ରଞ୍ଜନ ବରାଳ, ପୁତ୍ର ବିଦ୍ୟାଧର ବରାଳ, ତାପସ ବରାଳ, ଦ୍ୱିତୀକୃଷ୍ଣ ବରାଳଙ୍କ ସମେତ ଅନ୍ୟ ନିକଟ ସମ୍ପର୍କୀୟ ଉପସ୍ଥିତ ଥିଲେ। ଅଦ୍ୱୈତ ପ୍ରସାଦ ସ୍ୱାଇଁ, କବି ଅଭୟ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ସ୍ମୃତିଚାରଣ କରିଥିଲେ। ଦେବରାଜ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଜଣେ ପାଲା ଗାୟକ, ସାମାଜିକ କର୍ମୀ, ସୁସଙ୍ଗଠକ ଏବଂ ରାଜନୀତିଜ୍ଞ ଭାବେ ସେ ପରିଚିତ ଥିଲେ।



# କଲେଜପଡ଼ା ସ୍କୁଲର ବାର୍ଷିକ ଉତ୍ସବ

**ଅନୁଗୋଳ ଅଫିସ, ୧୮।୨**

ଅନୁଗୋଳ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉପଦେଷ୍ଟା କମିଟି ସଭାପତି ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରଦ୍ୟୁମ୍ନ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. କୁଳମଣି ନାୟକ, ସମ୍ମାନିତ ଅତିଥି ଏବିଇଓ ଉଦ୍ଧବ ଚନ୍ଦ୍ର ପ୍ରଧାନ, ସିଆର୍‌ସିସି ସୁଶାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦକ୍ଷତାର ବିକାଶ କରି ସଫଳତାର ଶୀର୍ଷରେ ପହଞ୍ଚିବା ଲାଗି ଯଥାସାଧ୍ୟ ଉଦ୍ୟମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ସାହୁ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ରୀନା ପ୍ରଧାନ, ସରିତା ଦାଶ, ଶିକ୍ଷକ ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମିନତି ପତି, ବୈଜୟନ୍ତୀ ବେହେରା, ସରୋଜିନୀ ଭୂତିଆ, ସ୍ନେହପ୍ରଭା ଦାଶ, ବବିତା ଦାସ, ଶିକ୍ଷକ ଧ୍ରୁବଚରଣ ସାହୁ ପରିଚାଳନା କରିଥିଲେ।

# ଶିବ ଭକ୍ତିରେ ଭିଜିଲେ ଶ୍ରଦ୍ଧାଳୁ

**ଭୁବନ/କାମାକ୍ଷାନଗର/ପରଜଙ୍ଗ /ସାତମାଇଲ, ୧୮।୨(ଡି.ଏନ୍.ଏ.)**

ମହାଜାଗର ଉପଲକ୍ଷେ ଢେଙ୍କାନାଳ ଜିଲାର ସମସ୍ତ ଶୈବପୀଠରେ ଶନିବାର ସୃଷ୍ଟି ହୋଇଛି ଆଧାତ୍ମିକ ପରିବେଶ। ଚଳିତବର୍ଷ କରୋନା କଟକଣା ନ ଥିବାରୁ ବିନା ବାଧାରେ ଠାକୁରଙ୍କ ଦର୍ଶନ କରିବାର ସୁଯୋଗ ମିଳିଥିବା ବେଳେ ଏହାକୁ କେହି ହାତ ଛଡ଼ା କରି ନ ଥିଲେ। ଶ୍ରଦ୍ଧାଳୁମାନେ ମହାଦେବଙ୍କ ଆରାଧନାରେ ତଲ୍ଲୀନ ହେବା ସହ ଭିଜିଥିଲେ ଭକ୍ତିଭାବରେ।

### ବିଳମ୍ବିତ ରାତିରେ ଉଠିଲା ମହାଦୀପ

ଅଧିକାଂଶ ଶୈବପୀଠରେ ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।

ଭୁବନର ବୁଦ୍ଧେଶ୍ୱର ଶୈବପୀଠରେ ମହାଶିବରାତ୍ରି ପାଇଁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଉପଲକ୍ଷେ ପ୍ରାତଃରୁ ଠାକୁରଙ୍କ ନୀତିକାନ୍ତି ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ୧୨ଟା ୧୫ ଯାଏ ଦର୍ଶନ ବନ୍ଦ ରହିଥିଲା। ପୋଲିସ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ଯୁବକ ସଂଘ, ଏନ୍‌ସିସି କ୍ୟାଡେଟ୍‌ମାନେ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ। ଯୁବ ଚିତ୍ରଶିଳ୍ପୀ ଜ୍ୟୋତିଷ କୁମାର ସାହୁ ରଙ୍ଗୋଲିରେ ଶିବପାର୍ବତୀଙ୍କ ପ୍ରତିଛବି ଆଙ୍କିଥିଲେ, ଯାହା ସମସ୍ତଙ୍କ ମନ ମୋହିଥିଲା। ସନ୍ଧ୍ୟାରେ ଅଞ୍ଚଳର ସଂକୀର୍ତ୍ତନମଣ୍ଡଳୀ ଓ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

କାମାକ୍ଷାନଗର ଉପଖଣ୍ଡର ତେନ୍ତୁଳିସିଙ୍ଗା ରାମେଶ୍ୱର, ହାଟୁଆରି କପିଳେଶ୍ୱର, ଶିବୁଳାପଶି ସ୍ୱପ୍ନେଶ୍ୱର, ମୁଣ୍ଡିଦେଉଳି କାମେଶ୍ୱର, ଅନନ୍ତପୁର ଦିବ୍ୟେଶ୍ୱର, କୁଣ୍ଡେଶ୍ୱର, ଜିରିଡ଼ାମାଳି, ଭଗୀରଥପୁର କେଦାରେଶ୍ୱର, କାଦୁଆ ନୀଳକଣ୍ଠେଶ୍ୱର, ବିଜାଡ଼ିହ ସୁନ୍ଦରାଖୋଲ ଶିବମନ୍ଦିର, ତେଣ୍ଡାଖୋଲ ମନ୍ଦିରରେ ଦିନତମାମ ପ୍ରବଳ ଜନସମାଗମ ହୋଇଥିଲା। ଅନୁରୂପ ଭାବେ ପରଜଙ୍ଗ ବ୍ଲକ କୁଆଁଳୋର ପ୍ରସିଦ୍ଧ ଅଷ୍ଟଶମ୍ଭୁ ମନ୍ଦିର, କୁଲେଇ ତାଳେଶ୍ୱର, ବାଞ୍ଛେଶ୍ୱର, କନ୍ତୋରର କନକେଶ୍ୱର, ଦଦରାଘାଟିର ରାମେଶ୍ୱର, ସରାଙ୍ଗର ଐଶାନେଶ୍ୱର, କୁମୁସୀର ଜମ୍ବେଶ୍ୱର, ଡିହଡୋଳର ଗଙ୍ଗେଶ୍ୱର ଶୈବପୀଠରେ ବହୁ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ। ହିନ୍ଦୋଳର ଐତିହ୍ୟସମ୍ପନ୍ନ ଚିଉଳପୁରସ୍ଥିତ ଉଗ୍ରେଶ୍ୱର, ରକଲା କୁଣ୍ଡେଶ୍ୱର ମହାଦେବ, କଙ୍କାଲୁ ମାତାଳେଶ୍ୱର, ଭଗବାନପୁର ରାମେଶ୍ୱର, ହିନ୍ଦୋଳ ରାମେଶ୍ୱର ମହାଦେବ, ଖଜୁରିଆକଟାରେ ସ୍ୱପ୍ନେଶ୍ୱର, ପଞ୍ଚପଡ଼ାର ତାରେଶ୍ୱର, ନନ୍ଦପୁର ବିଶ୍ୱନାଥ, ଦୁଦୁରୁକୋଟର କୁଣ୍ଡଳେଶ୍ୱର ମନ୍ଦିରରେ ଜାଗର ଉପଲକ୍ଷେ ସ୍ୱତନ୍ତ୍ର ନୀତି କରାଯାଇଥିଲା।


ମୁକ୍ତାଦେଇପୁର ଶାସନସ୍ଥିତ ସୋମନାଥେଶ୍ୱର ମନ୍ଦିରରେ ମହିଳା ଶ୍ରଦ୍ଧାଳୁମାନେ ଜାଗର ଜାଳି ବସିଛନ୍ତି।


ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।


ତେନ୍ତୁଳିସିଙ୍ଗାସ୍ଥିତ ରାମେଶ୍ୱର ପୀଠରେ ଶ୍ରଦ୍ଧାଳୁମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।


ହିନ୍ଦୋଳ ଅଞ୍ଚଳର ଶ୍ରଦ୍ଧାଳୁମାନେ ଜାଗର ଜାଳି ବସିଛନ୍ତି।

## ରୋଜଗାର ସୃଜନ କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ: ଢେଙ୍କାନାଳ ସିନର୍ଜି କଲେଜ ପରିସରରେ ରୋଜଗାର ସୃଜନ କେନ୍ଦ୍ର ଶାଖା ଗୁରୁବାର ଲୋକାର୍ପିତ ହୋଇଛି। ଓଡ଼ିଶା ପ୍ରଦେଶ ପୂର୍ବପ୍ରାନ୍ତ ସଂଯୋଜକ ଆଶୁତୋଷ ମୁଖାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସିନର୍ଜି କଲେଜ ଚେୟାରମ୍ୟାନ ବିନୋଦ ଦାଶ, ସମ୍ମାନିତ ଅତିଥି କଲେଜ ଅଧକ୍ଷା ଇତିଶ୍ରୀ ମହାନ୍ତି ଯୋଗଦେଇଥିଲେ। ଅଶୋକ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ସଂଯୋଜକ ପଦ୍ମଭୂଷଣ ସାହୁ ପରିଚାଳନା କରିଥିଲେ। କଳ୍ପନା ସାହୁ ଧନ୍ୟବାଦ ଦେଇଥିଲେ। ଏହି କେନ୍ଦ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପରାମର୍ଶ ମିଳିବ।

## ସଂକ୍ଷେପରେ

### ଘର ଘର ବୁଲି ସେଲ୍‌ଫି ନେବ ମହିଳା ମୋର୍ଚ୍ଚା

ଅନୁଗୋଳ ଅଫିସ, ୧୮।୨: ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ପଦାଧିକାରୀଙ୍କ ବୈଠକ ଦଳୀୟ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଗକୁ ନିର୍ବାଚନ ଥିବାରୁ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବା, ପ୍ରଧାନମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନା ଓ ସହାୟତାର ପ୍ରଚାର ପ୍ରସାର ପାଇଁ ଘର ଘର ବୁଲି ସେଲ୍‌ଫି ଉଠାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ବିଶ୍ୱ ମହିଳା ଦିବସ ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ସୁଷମା ସ୍ୱରାଜ ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାନେତ୍ରୀ ନିରୋଜ ନଳିନୀ ମହାଳିକ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ମୋର୍ଚ୍ଚା ପ୍ରଭାରୀ ଦିଲୀପ ପ୍ରଧାନ, ରୋଜାଲିନ ଦାସ, ସରିତା ମିଶ୍ର, ଉର୍ମିଳା ନାୟକ, ଅନୁପମା ସାହୁ, ଅର୍ପିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାବୁଚାନ୍ଦ ପୁନର୍ବାର ସଭାପତି

### ଭାରତ ବିକାଶ ପରିଷଦର ବାର୍ଷିକ ସାଧାରଣ ବୈଠକ

ଢେଙ୍କାନାଳ ଅଫିସ, ୧୮।୨

ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ ଶାଖା ଢେଙ୍କାନାଳର ବାର୍ଷିକ ସାଧାରଣ ବୈଠକ ଏବଂ ନୂତନ ପଦାଧିକାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଇଂ. ବାବୁଚାନ୍ଦ ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାଧାରଣ ସମ୍ପାଦକ



ଜଗତମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ସମ୍ପାଦକ ଡ. ସମୀର ସାହୁ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅରକ୍ଷିତ ପରିଡ଼ା ଯୋଗଦେଇଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଶାଖାକୁ ସର୍ବଭାରତୀୟସ୍ତରରେ ପରିଚିତ କରାଇଥିବା ଛାତ୍ର ଅଭିଷେକ ମହାନ୍ତି, ଶିଳାଦିତ୍ୟ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଭାବେ ଇଂ. ବାବୁଚାନ୍ଦ ମହାଳିକ, ସମ୍ପାଦିକା ଉଷାରାଣୀ ଦାସ, କୋଷାଧକ୍ଷ ରାଜୀବ ମାହୁନ୍ତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ହରେକୃଷ୍ଣ କର, ସମୀର ସାହୁ ଶାଖାର ପୃଷ୍ଠପୋଷକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସମ୍ପର୍କ ସଚିବ ଭାବେ ନବଦୀପ ନାୟକ, ସଙ୍ଗଠନ ସଚିବ ଅନିଲ ରାଉତ, ସଂସ୍କାର ସଚିବ ରାମନାଥ ପାତ୍ର, ସେବା ସଚିବ ବ୍ରଜକିଶୋର ମହାନ୍ତି, ମହିଳା ସହଭାଗିତା ସଚିବ ମୋନାଲିସା ମାହୁନ୍ତ, ସମୂହଗାନ ପ୍ରତିଯୋଗିତା, ଭାରତ କୋ ଜାନୋ କାର୍ଯ୍ୟକ୍ରମ ଆବାହିକା ସବିତା ଧୀର, ସହ ସଙ୍ଗଠନ ସଚିବ ଭାବେ ଶ୍ୱାତୀ ନନ୍ଦଙ୍କୁ ଚୟନ କରାଯାଇଛି।

# ୭୦୦ ଲିଟର ମଦ ଜବତ, ୩ ଗିରଫ

ଅନୁଗୋଳ ଅଫିସ, ୧୮।୨

ଅନୁଗୋଳ ଜିଲା ଅବକାରୀ ବିଭାଗ ଶନିବାର ହେମସୁରପଡ଼ା ଦୁର୍ଗାମଣ୍ଡପ ନିକଟରେ ଚଢ଼ାଉ କରି ୭୦୦ ଲିଟର ଦେଶୀ ମଦ ଏବଂ ୨ଟି କାର୍ ଜବତ କରିଛି। ଏହି ଘଟଣାରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଦରସିଂହା ଅଞ୍ଚଳର ପ୍ରଶାନ୍ତ ନାଏକ, ନିଶା ଥାନା ପରଙ୍ଗ ଗ୍ରାମର ଜିତେନ୍ଦ୍ର ସେନାପତି ଏବଂ ତପନ କୁମାର କର୍ଣ୍ଣଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ମଦର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳକୁ ଚୋରାରେ ଦେଶୀ ମଦ ଚାଲାଣ କରାଯାଉଥିବା ସୂଚନା ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ଜୋର୍‌ଦାର କରାଯାଇଥିଲା। ଓଡ଼ି ୦୨ ବିଆର୍ ୯୧୨୩ ନମ୍ବର ବିଶିଷ୍ଟ କାର୍‌ରୁ ୪୦୦ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ଜିତେନ୍ଦ୍ର, ତପନ ଗିରଫ ହୋଇଛନ୍ତି। ସେହିପରି ଓଆର ୧୯ ଜି ୦୦୧୨ ନମ୍ବର ବିଶିଷ୍ଟ କାରରୁ ୩୦୦ ଲିଟର ମଦ ଜବତ କରାଯାଇଥିବାବେଳେ ପ୍ରଶାନ୍ତ ଧରାପଡ଼ିଥିଲେ।



# ଭଲିବଲ୍ ଟୁର୍ନାମେଣ୍ଟ: ଟାକୁଆ ଚାମ୍ପିୟନ

କଣିହାଁ, ୧୮।୨(ଡି.ଏନ୍.ଏ.)

କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ କଲୋନି ଖେଳପଡ଼ିଆରେ ଶୁକ୍ରବାର ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରକଳ୍ପ ଇଡି କେ.ଏସ୍. ସୁନ୍ଦରମ୍ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ୨୭ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ରଙ୍ଗବେଡ଼ାକୁ ହରାଇ ଟାକୁଆ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଟାକୁଆର ସଫଳତାରେ ଟିମ୍ ମ୍ୟାନେଜର କୁନା ସାହୁ, କାଳିନ୍ଦୀ ପ୍ରଧାନ, ଇନ୍ଦ୍ରମଣି ସାହୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ବସ୍ତ୍ର ବାଣ୍ଟିଲେ ବିଜେଡି ନେତା



ପଥରଖମ୍ବ ଗ୍ରାମର ବିପନ୍ନଙ୍କୁ ସମବେଦନା ଜଣାଉଛନ୍ତି ବିଜେଡି ନେତା।

ପରଜଙ୍ଗ, ୧୮।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମର ୨୫ ଅଗ୍ନିବିପନ୍ନ ପରିବାରଙ୍କୁ ଯୁବ ବିଜେଡି ନେତା ଅଜିତ୍ କୁମାର ସାହୁ ଗୁରୁବାର ନୂତନ ବସ୍ତ୍ର ବଣ୍ଟନ କରିଛନ୍ତି। ସେ ଘରପୋଡ଼ି ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କୁ ଭେଟିଥିଲେ। ଏଭଳି ଦୁଃଖଦ ସମୟରେ ସମସ୍ତେ ବିପନ୍ନଙ୍କ ସହ ଅଛନ୍ତି ବୋଲି ସେ ଆଶ୍ୱାସନା ଜଣାଇଛନ୍ତି। ଯୁବଶକ୍ତି ଅଧକ୍ଷ ହିମାଂଶୁ ଭୂଷଣ ବାରିକ, ସରପଞ୍ଚ ବଳଭଦ୍ର ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ଅନ୍ତର୍ଯ୍ୟାମୀ ନାୟକ, ନରୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

ବଇଣ୍ଡା, ୧୮।୨(ଡି.ଏନ୍.ଏ.)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂଯୋଜକ ଜୟନ୍ତ ଜେନା ଯୋଗଦେଇ ଅଞ୍ଚଳବାସୀ କିପରି ଜଙ୍ଗଲକୁ ସୁରକ୍ଷା ଦେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଫରେଷ୍ଟର ପୁରୁଷୋତ୍ତମ ଦେହୁରୀ, ଅର୍ଜୁନ ବେହେରା, ଫରେଷ୍ଟ ଗାର୍ଡ ତପସ୍ୱିନୀ ସାହୁ, ସବିତା ନାୟକ ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ଜଙ୍ଗଲ ନିଆଁ ଦ୍ୱାରା ପ୍ରାକୃତିକ ପରିବେଶ ଏବଂ ବନ୍ୟପ୍ରାଣୀଙ୍କ ବ୍ୟାପକ କ୍ଷତି ହେଉଛି। ଏହାର ପ୍ରଭାବ ଜଳବାୟୁ ଉପରେ ପଡୁଛି। ତେଣୁ ଏ ଦିଗରେ ସତର୍କ ନ ରହିଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ। କଣ୍ଟେଇକୋଳିଆ, ଅଁଳାବେରେଣୀ, ଗୋଳାସର, ପର୍ବତ୍ୟପୁର, ଗୋବିନ୍ଦପୁର, ରାଜନପାଳ, ଗୁଣ୍ଡୁରୀଝରଣ, ହିଞ୍ଜିରିଡା, ବାଲିଖମଣ, ଖଣ୍ଡବର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଜନସାଧାରଣଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନ କରାଯାଉଛି।

# ଆବାସିକ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳ ଅଫିସ, ୧୮।୨

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗିରାଙ୍ଗ ପଞ୍ଚାୟତଠାରେ ଶନିବାର ରାଜସ୍ୱ ନିରୀକ୍ଷକଙ୍କ ଆବାସିକ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ଏହାର ଭୂମିପୂଜା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୯.୧୨ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ବଅଁରପାଳ ବ୍ଲକ ଅଧକ୍ଷ ବିଜୟ ନାଥ, ୨୮ନଂ ଜୋନ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟାଳୟ ଭୂମିପୂଜନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ରାତ୍ରିକାଳୀନ କ୍ରିକେଟ୍: କୃଷ୍ଣପ୍ରସାଦକୁ ଟାଇଟଲ



ଅତିଥିଙ୍କ ଗହଣରେ ଫାଇନାଲ ମ୍ୟାଚ୍‌ରେ ଦୁଇଦଳ।

ସାତମାଇଲ, ୧୮।୨(ଡି.ଏନ୍.ଏ.)

ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ବାଘଧରିଆସ୍ଥିତ ବ୍ରାହ୍ମଣୀଦେବୀ ପଡ଼ିଆରେ ଚାଲିଥିବା ରାତ୍ରିକାଳୀନ ମା’ ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୩ ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ୍ ମ୍ୟାଚ୍‌ରେ କାଳିକାପ୍ରସାଦକୁ ହରାଇ କୃଷ୍ଣପ୍ରସାଦ ଏକାଦଶ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚ୍‌ରେ କୃଷ୍ଣପ୍ରସାଦର ୧୫୨ ରନ୍ ଜବାବରେ କାଳିକାପ୍ରସାଦ ୧୪୨ ରନ୍ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କାଳିକାପ୍ରସାଦର ୭୨ ରନ୍ ଜବାବରେ କୃଷ୍ଣପ୍ରସାଦ ୭୩ ରନ୍ କରି ବିଜୟୀ ହୋଇଥିଲା। ପ୍ରଥମ ଦୁଇଟି ମ୍ୟାଚ୍ କୃଷ୍ଣପ୍ରସାଦ ଜିତିନେବା ପରେ ତୃତୀୟ ମ୍ୟାଚ୍‌ର ଆବଶ୍ୟକ ପଡ଼ି ନ ଥିଲା। ସୌମ୍ୟରଞ୍ଜନ ସାମଲ, ଜଗା ସାମଲ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିନୟ ସାମଲ, ଅନିଲ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ସୁନୀଲ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁମନ୍ତ ଦେହୁରୀ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଦିଲୀପ ଦାସ, ପୂର୍ବତନ କ୍ରିକେଟର ସଞ୍ଜୟ ପାଳ, ଗ୍ରାମ ସଭାପତି ପର୍ଶୁରାମ ଗଡ଼ନାୟକ, ନିମାଇଁ ସାମଲ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଯୁବକ ସଂଘ ସଦସ୍ୟ, ବାଘଧରିଆ ଗ୍ରାମବାସୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ତରୁଣ ସ୍ମାରକୀ ଭଲିବଲ: ଖାଲପାଳ ଚାମ୍ପିୟନ

ପରଜଙ୍ଗ, ୧୮।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ଡିହଡୋଳରେ ଶୁକ୍ରବାର ଦିବାରାତ୍ର ତରୁଣ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବ ସଙ୍ଗଠକ ଅସିତ୍ କୁମାର ରାୟଚୌଧୁରୀ ଫିତାକାଟି ଏହାକୁ ଉଦ୍‌ଘାଟନ କରି କହିଲେ, କ୍ରୀଡ଼ା ଆମ ପରମ୍ପରା ସହିତ ଜଡ଼ିତ। ଭଲିବଲ ଖେଳିବା ଦ୍ୱାରା ଶରୀର ସ୍ଫୂର୍ତ୍ତି ରୁହେ। କ୍ରୀଡ଼ାକ୍ଷେତ୍ରରେ ପରଜଙ୍ଗର ସୁନାମ ରହିଛି। ଏଠାରେ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ଭରପୂର ସୁଯୋଗ ରହିଛି। ଏହାର ସୁଯୋଗ ନେବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ।

ଟୁର୍ନାମେଣ୍ଟରେ ପରଜଙ୍ଗ, ପାରାଦୀପ, ଖାଲପାଳ, ସନ୍ଥପଡ଼ା, ଟାଟା ଷ୍ଟିଲ୍, କେନ୍ଦୁଝର, ରଙ୍ଗବେଡା, ପୋଡ଼ାପଡ଼ା ଆଦି ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ପାରାଦୀପକୁ ହରାଇ ଖାଲପାଳ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨,୦୦୦ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ କପ୍ ସହ ୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ‘ବିଦ୍ୟାଳୟ ପାଇଁ ଆଦର୍ଶ ହୁଅ’

ପରଜଙ୍ଗ, ୧୮।୨(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ କୁମୁସୀ ସରକାରୀ ହାଇସ୍କୁଲର ୪୨ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଭାତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ଦୟାନିଧି ପାଣି ଯୋଗଦେଇ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସରପଞ୍ଚ ବଳରାମ ନାୟକ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଦମ୍ବିନୀ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ପାଇଁ ଆଦର୍ଶ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ବାବୁ ରଞ୍ଜନ ସାହୁ, ମଳୟ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଜଙ୍ଗଲକୁ ନିଆଁରୁ ବଞ୍ଚାଇବାକୁ ଶପଥ

ସାତମାଇଲ, ୧୮।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟରେ ଶୁକ୍ରବାର ବନାଗ୍ନି ପ୍ରତିରୋଧୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲୋହିତ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସହକାରୀ ବନ ସଂରକ୍ଷକ କୁଞ୍ଜବିହାରୀ ନାୟକ, ବିଡିଓ ଅନ୍ତର୍ଯ୍ୟାମୀ ବାରିକ, ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀ, ପରିବେଶବିତ୍ ରତିକାନ୍ତ ଗଡନାୟକ, ଅରବିନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲରେ ଘଟୁଥିବା ଅଧିକାଂଶ ଅଗ୍ନିକାଣ୍ଡ ମନୁଷ୍ୟକୃତ। ତେଣୁ ଏଥିପ୍ରତି ସଚେତନ ହୋଇ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଙ୍ଗଲରେ




ବନାଗ୍ନିରୁ ଜଙ୍ଗଲକୁ ସୁରକ୍ଷା ପାଇଁ ଶପଥପାଠ କରାଯାଉଛି।

ଲାଗିଥିବା ନିଆଁକୁ ମିଳିମିଶି ଆୟତ୍ତ କରିବାକୁ ଶପଥପାଠ କରାଯାଇଥିଲା। କର୍ମଶାଳାରେ ଉପଖଣ୍ଡ ଅଧୀନ ୫୨ ବନ ସଂରକ୍ଷଣ ସମିତିର ସଦସ୍ୟ, ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ହେମସୁରପଡ଼ାସ୍ଥିତ ଶିବ ମନ୍ଦିରରେ ମାନସିକଧାରୀମାନେ ଜାଗର ଜାଳି ବସିଛନ୍ତି।


ବଇଣ୍ଡା ଅଞ୍ଚଳରେ ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜଳିଛନ୍ତି।


ରେଙ୍ଗାଲି ଡ୍ୟାମ କପିଳେଶ୍ୱର ମନ୍ଦିର ରଙ୍ଗିନ ଆଲୋକରେ ସଜ୍ଜିତ ହୋଇଛି।

# ଶିବ ଆରାଧନାରେ କଟିଲା ଦିନ

**ଅନୁଗୋଳ ଅଫିସ/ବଇଣ୍ଡା/ଆଠମଲ୍ଲିକ/କଣିହାଁ, ୧୮।୨(ଡି.ଏନ୍.ଏ.)**

■ବିଳମ୍ବିତ ରାତିରେ ଉଠିଲା ମହାଦୀପ
■ସବୁଠି ଆଧ୍ୟାତ୍ମିକ ବାତାବରଣ

ମହାଶିବରାତ୍ରି ଏବଂ ଜାଗରଯାତ୍ରାକୁ ନେଇ ଅନୁଗୋଳ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଉଠିଛି। ପ୍ରାତଃରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ମାନସିକଧାରୀମାନେ ଶିବ ଆରାଧନାରେ ତଲ୍ଲୀନ ଥିବାବେଳେ ସବୁଠି ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।

ଅନୁଗୋଳ ହେମସୁରପଡ଼ାସ୍ଥିତ ଶିବ ମନ୍ଦିରରେ ପ୍ରାତଃରୁ ଠାକୁରଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ। ସେହିପରି ସହର ସମେତ ଉପକଣ୍ଠର ସମସ୍ତ ଶୈବପୀଠରେ ମହାଆଡମ୍ବରରେ ମହାଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି।

ସେହିପରି କିଶୋରନଗର ବ୍ଲକ ବଇଣ୍ଡା, ବଡ଼ହୁଲା, ଗାଁ ବଇଣ୍ଡା, ହଣ୍ଡପା, ନାକିଚି, ଦୁରୁଡା, ଉରୁକୁଲା, ସାଧୁପାଳ, ବାମୁର, ଆଠମଲ୍ଲିକ ବ୍ଲକ ପାଇକସାହି, ଝାରବଇଣ୍ଡା, ଠାକୁରଗଡ଼, ଖମାର, ବନ୍ତୁଲ ଅଞ୍ଚଳରେ ଶିବରାତ୍ରି ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଜାଗର ଜାଳିବା ଏବଂ ପ୍ରସାଦ ସେବନ ପାଇଁ ସବୁ ଦେବାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୂଜକ ସର୍ବେଶ୍ୱର ମହାପାତ୍ର, ହଡ଼ା ମହାପାତ୍ର, ବିବେକା ପ୍ରଧାନ, ସନ୍ତୋଷ ବିଷୋୟୀ, ବିନୋଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅନୁରୂପ ଭାବେ ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରି, ଲିପିଲୋଇ ମନ୍ଦିର, ବଘୁଆକଟା, ଅଏଡା, ଯଦୁପୁର ଝିମେଇବୁଆ, ଆଠମଲ୍ଲିକ ରାମେଶ୍ୱରପାଟଣା, ରଥସାହିସ୍ଥିତ କାଶୀବିଶ୍ୱନାଥ, କଣ୍ଟପଡ଼ା, କନ୍ଧପଡ଼ାସ୍ଥିତ ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଦେଉଳଝରିରେ ପ୍ରାତଃ ୩ଟାରୁ ଦ୍ୱାରଫିଟା ଯାଇ ଦେବନୀତି ଆରମ୍ଭ ହୋଇଥିଲା। ପ୍ରଭୁ ସିଦ୍ଧେଶ୍ୱରଙ୍କୁ ଜଳଶାୟୀ ପରେ ଆବଶ୍ୟକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ବିଡିଓ ସୌଭାଗ୍ୟ ବେହେରା, ସହକାରୀ ଜିଲାପାଳ କୁଳମଣି ଦଳେଇ, ଆଇଆଇସି ନୀରୋଦ ଦାସ, ଦେବୋତ୍ତର ବିଭାଗ ସହାୟକ ନଗେନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୂଜକ କମିଟି ସଭାପତି ଧାର୍ମିକ ପରିଚ୍ଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ବଡ଼ମାଳି, ବରିଷ୍ଠ ସଭ୍ୟ ଗୋକୁଳ ବେହେରାମାଳୀ, ପ୍ରଶାନ୍ତ ଦେହୁରୀ, ଅରୁଣ ବଡ଼ମାଳି, ବୁଲୁ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଶିବରାତ୍ରି ପାଇଁ କଣିହାଁ ଅଞ୍ଚଳର ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇଉଠିଥିଲା। ସକାଳୁ ସଞ୍ଜ ଯାଏ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାକୁଡିଆ, ବଡ଼ହୀରା, ମାଳପଶି, ଡ଼େରଙ୍ଗ, ଭୀମକାଣ୍ଡ, ଟୋଲକବେଡା, ପରାବିଲ, ବୀରୁ, ସମଲ, କଣିହାଁ, ରେଙ୍ଗାଲି ଆଦି ସ୍ଥାନରେ ଶିବରାତ୍ରି ପାଳିତ ହୋଇଛି। ବିଳମ୍ବିତ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।


ଆଠମଲ୍ଲିକ ଦେଉଳଝରୀ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଛି।

# କୋଇଲା ଚୋରାଚାଲାଣ: ୪ ଗିରଫ

**ଅନୁଗୋଳ ଅଫିସ, ୧୮।୨**

ଅନୁଗୋଳ ସଦର ଥାନା ନତଡ଼ା ଅଞ୍ଚଳରୁ କୋଇଲା ଚୋରା ଚାଲାଣବେଳେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠାକୁରଗଡ଼ ଥାନା ଅଞ୍ଚଳର ଭଙ୍ଗମୁଣ୍ଡା ଗ୍ରାମର ନରେନ୍ଦ୍ର ବିଶ୍ୱାଳ (୪୨), ସୌଭାଗ୍ୟନଗର ଅଞ୍ଚଳର ଆର୍ଯ୍ୟାନ୍‌ଜିତ୍ ଦାସ (୨୪), ଛେଣ୍ଡିପଦା ଥାନା ଫୁଲଝରି ଗ୍ରାମର ଭିକାରୀ ବାଘ (୨୯) ଏବଂ ପାତ୍ରପଡ଼ା ଅଞ୍ଚଳର ଭଜମନ ବେହେରା (୩୨)। ସେମାନଙ୍କ ନିକଟରୁ ନିକଟରୁ ୨ଟି ମିନିଟ୍ରକ୍ (ନଂ ଓଆର୍ ୧୫ ଜି ୮୮୮୬, ଓଆର୍ ୧୯ ଏଚ୍ ୩୭୪୦) ଏବଂ ଏଥିରେ ବୋଝେଇ ହୋଇଥିବା ୭ ଟନ୍ କୋଇଲା ଜବତ ହୋଇଛି। ଏ ନେଇ ଥାନାରେ ନଂ. ୫୫/୨୩, ନଂ.୫୬/୨୩ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତାଳଚେର ହିଙ୍ଗୁଳା ମାଇନ୍ସରୁ ଦୁଇଟି ମିନିଟ୍ରକ୍‌ରେ କୋଇଲା ଚୋରା ଚାଲାଣ ହେଉଥିବା ସୂଚନା ପାଇ ସଦର ଥାନା ଏସ୍‌ଆଇ ଆଶିଷ ସ୍ୱାଇଁ, ତୁଷାର ମହାନ୍ତି ଚଢ଼ାଉ କରିଥିଲେ। ତେବେ ଗାଡ଼ି ଦୁଇଟି ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଧିକାରୀମାନେ ପିଛା କରି ଧରିଥିଲେ। ଉକ୍ତ କୋଇଲା ନରସିଂହପୁର ଅଞ୍ଚଳକୁ ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ କଲିଯାରୀ ଥାନା ଏମ୍‌ସିଏଲ୍ ଅନନ୍ତ କୋଇଲା ଖଣିରେ ଓଆଇଏସ୍‌ଏଫ୍ ଚଢାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ ଓ ଜେସିବି ମେଶିନ ଜବତ କରିଛି। ଖଣିରେ ବେଆଇନ ଭାବେ କୋଇଲା ଖନନ ହେଉଥିବା ସୂଚନା ମିଳିବା ପରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଜବତ ଗାଡ଼ିକୁ ପୋଲିସ ଜିମା ଦିଆଯାଇଛି।


ପୋଲିସ ଅଭିଯୁକ୍ତଙ୍କୁ ହାଜର କରାଇଛି।



ଏମ୍‌ସିଏଲ୍ ଅନନ୍ତ କୋଇଲା ଖଣିରୁ ଜବତ ହୋଇଥିବା ଜେସିବି ଓ କୋଇଲା ବୋଝେଇ ଟ୍ରକ୍ ।

# ଜନପ୍ରତିନିଧିଙ୍କୁ ଭେଟିଲେ ବରିଷ୍ଠ ନାଗରିକ

**ଅନୁଗୋଳ ଅଫିସ,୧୮।୨**

ଅନୁଗୋଳର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଏମ୍‌ପି ମହେଶ ସାହୁ ଏବଂ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ସାକ୍ଷାତ୍ କରିଛନ୍ତି। କରୋନା ମହାମାରୀ ସମୟରେ ଗଠନମୂଳକ କାର୍ଯ୍ୟରେ ବରିଷ୍ଠମାନେ ଅଂଶୀଦାର ହୋଇ ମାନବିକତାର ପରିଚୟ ଦେଇଛନ୍ତି। ସେହିପରି ଚାରାରୋପଣ କରିବା, ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ ଆଦି କାର୍ଯ୍ୟ କରୁଛନ୍ତି, ଯାହାକୁ ଏମ୍‌ପି ଏବଂ ବିଧାୟକ ପ୍ରଶଂସା କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁଜତ୍ ଦାସ, ସୁଶୀଲ ପଟ୍ଟନାୟକ, ଅକ୍ଷୟ ସେଠୀ, ମଦନମୋହନ ପଟ୍ଟନାୟକ, ପ୍ରଶାନ୍ତ ଦାସ, ରମେଶ ଚନ୍ଦ୍ର ମିଶ୍ର, ମଧୁସୂଦନ ଦାସ, କୁମର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆହ୍ୱାନ



**ଅନୁଗୋଳ ଅଫିସ, ୧୮।୨**

'ବସୁଧୈବ କୁଟୁମ୍ବକମ୍' ନୀତି ଭାରତର ନୈତିକ ମୂଲ୍ୟବୋଧର ପ୍ରତୀକ। ଅହିଂସା ମାର୍ଗରେ ପରିଚାଳିତ ହୋଇ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ସହାବସ୍ଥାନ କଲେ ବିକାଶର ମାର୍ଗ ପ୍ରଶସ୍ତ ହେବ। ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନେହେରୁ ଯୁବକେନ୍ଦ୍ର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଡୋଭ୍'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକଦିବସୀୟ ଜିଲାସ୍ତରୀୟ ଯୁବ ଭ୍ରାତୃତ୍ୱ ପାର୍ଲାମେଣ୍ଟ ସମ୍ପର୍କିତ କର୍ମଶାଳାରେ ଏଭଳି ଆହ୍ୱାନ ଦେଇଛନ୍ତି ଅତିଥିବୃନ୍ଦ। 'ଡୋଭ'ର ସଭାପତି ଡା. ସତ୍ୟନାରାୟଣ ସିଂସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ଅନୁଗୋଳ ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ସମ୍ମାନିତ ଅତିଥି ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମାଝି, ପ୍ରଦୀପ କୁମାର, ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

ଡାକ୍ତର ସିଂସାମନ୍ତ ଆଲୋଚନାରେ ଭାଗନେଇ ପାରମ୍ପରିକ କୃଷିନୀତି, ମିଲେଟ୍ ମିଶନର ଲକ୍ଷ୍ୟ ହାସଲ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅନୀଲ କୁମାର ମିଶ୍ର, ଅଧ୍ୟାପିକା ଲିଲି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ମୁକ୍ତ ପ୍ରଶ୍ନୋତ୍ତର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମନୋବିକାର ଦୂରକରିବା ବଡ଼ ତପସ୍ୟା

**ଅନୁଗୋଳ ଅଫିସ, ୧୮।୨**

ଅନୁଗୋଳସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଅନୁଭୂତି ଧାମ ସେବାକେନ୍ଦ୍ର ପରିସରରେ ଶନିବାର ୮୭ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ କହିଲେ, ମଣିଷ ଭିତରେ ଥିବା ମନୋବିକାର ଦୂର କରିବା ସବୁଠାରୁ ବଡ଼ ତପସ୍ୟା। ବ୍ୟକ୍ତି ନିଜର ଭଲଗୁଣଗୁଡ଼ିକୁ ଗୁରୁତ୍ୱ ଦେଲେ ଖରାପ ଗୁଣ ଅପସରିଯିବ। ସଂକଳ୍ପ ସାକାର ଦିଗରେ ରାଜଯୋଗ ଉପଯୋଗୀ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତୀ, ଅବସରପ୍ରାପ୍ତ ବିଚାରପତି ଦୁର୍ଗାଶଙ୍କର ମିଶ୍ର, ଜେଏସ୍‌ପିର ପ୍ରବନ୍ଧକ ପୁଷ୍ପଲତା ଶତପଥୀ, ପତଞ୍ଜଳି ଯୋଗାଚାର୍ଯ୍ୟ ଅଭୟ ରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ ଯୋଗଦେଇଥିଲେ। ଅପରାହ୍ନରେ କରବେରିଣୀ, ଗୀତାଗ୍ରାମରେ ଶିବ ସନ୍ଦେହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବେସରକାରୀ ଜମିରେ ପିଣ୍ଡି

■ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ
■ଆଦିବାସୀଙ୍କ ଜମି ହଡ଼ପ ଅଭିଯୋଗ

**ବଇଣ୍ଡା, ୧୮।୨(ଡି.ଏନ୍.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ପଞ୍ଚାୟତ ଜରପଡ଼ା ସାପ୍ତାହିକ ହାଟରେ ବ୍ୟବସାୟିକ ସୁବିଧା ପାଇଁ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ଉକ୍ତ ପିଣ୍ଡି ବେସରକାରୀ ଜମିରେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ତିଳେଶ୍ୱର ଗ୍ରାମର ଉପାସୀ ବେହେରା, ପାର୍ବତୀ ବେହେରା, ସୁନନ୍ଦ ଦେହୁରୀ, ପଠାଣି ବେହେରା, ଜରପଡା ଗ୍ରାମର ଉଚ୍ଛବ ପ୍ରଧାନ ପ୍ରମୁଖ ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଦିବାସୀଙ୍କ ଜମି ହଡ଼ପ କରି ଉକ୍ତ ପିଣ୍ଡି ତିଆରି କରାଯାଉଥିବା ସେମାନେ କହିଛନ୍ତି।


ବେସରକାରୀ ଜମିରେ ନିର୍ମାଣ ହେଉଥିବା ପିଣ୍ଡି।

ବ୍ଲକ ପ୍ରଶାସନ ପକ୍ଷରୁ ସାପ୍ତାହିକ ହାଟର ବିକାଶ ପାଇଁ ପଞ୍ଚାୟତିରାଜ ବିଭାଗ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ପିଣ୍ଡି ନିର୍ମାଣ କରାଯାଉଛି। ଗତ ଫେବୃୟାରୀ ୩ରୁ ଏହି କାମ ଆରମ୍ଭ ହୋଇଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ବେଆଇନ ଭାବେ ଏହି ପିଣ୍ଡି ତିଆରି କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ହିତାଧିକାରୀମାନେ ଏ ସଂକ୍ରାନ୍ତ ସବିଶେଷ ପ୍ରମାଣପତ୍ର ଉପଜିଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି।

କାମ ନେଇଥିବା ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ସରକାରୀ ଜମି ବଦଳରେ ବେସରକାରୀ ଜମିରେ ଜବରଦସ୍ତ କାମ କରୁଛନ୍ତି। ଜମି ମାଲିକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାବେଳେ ପ୍ରଶାସନିକ ଅଧିକାରୀମାନେ ଠିକାଦାରଙ୍କ ଦ୍ୱାରା ଜମି ହଡ଼ପ କରିବାକୁ ମସୁଧା କରୁଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଆଠମଲ୍ଲିକ ବିଡିଓ, ଆଠମଲ୍ଲିକ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ କାମ ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ନେଇ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ କହିଛନ୍ତି, ଉକ୍ତ ଜମି ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ଉପଜିଲାପାଳ ତରଣୀ ସୁନା କହିଛନ୍ତି, ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବ।

